ଗ୍ରାମୀଣ କୃଷି ମୌସୁମୀ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର, ଓଡିଆ

# କୃଷି ଉପଦେଶ ପ୍ରସାରିତ ସମାଚାର

ତାରିଖ : 13-02-2024

ଗଜପତି(ଓଡିଶା) - :2024-02-13 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)

| ପାଣିପାଗ କାରକ | 2024-02-14 | 2024-02-15 | 2024-02-16 | 2024-02-17 | 2024-02-18 |
|---|---|---|---|---|---|
| ବର୍ଷା (ମିମି) | 0.0 | 0.0 | 5.0 | 10.0 | 0.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 34.0 | 34.0 | 31.0 | 29.0 | 32.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 18.0 | 19.0 | 19.0 | 20.0 | 18.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 66 | 48 | 57 | 58 | 58 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 22 | 17 | 15 | 17 | 19 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 7 | 6 | 5 | 5 | 5 |
| ପବନର ଦିଗ (ଡିଗ୍ରୀ) | 171 | 202 | 198 | 195 | 202 |
| ମେଘାଛନ୍ନ (ଅକ୍ଟା) | 1 | 4 | 7 | 8 | 2 |

## ପାଣିପାଗ ସାରାଂଶ/ସତର୍କ:

ଭାରତ ପାଣିପାଗ ବିଭାଗ ରୁ ମିଳିଥିବା ପାଣିପାଗ ପୂର୍ବାନୁମାନ ଅନୁଯାୟୀ, ଜିଲ୍ଲାରେ ବୁଧବାର ଓ ଶନିବାର ଦିନ ପାଗ ଶୁଖିଲା ରହିପାରେ ଏବଂ ଗୁରୁବାର ଓ ଶୁକ୍ରବାର ଦିନ ହାଲୁକା ବର୍ଷା ହେବା ସହିତ ଆକାଶ ମୁଖ୍ୟତଃ ସ୍ୱଚ୍ଛ ରୁ ସମ୍ପୂର୍ଣ୍ଣ ମେଘାଛନ୍ନ ରହିବାର ସମ୍ଭାବନା ରହିଛି । ଆସନ୍ତା ପାଞ୍ଚ ଦିନ ପର୍ଯ୍ୟନ୍ତ ପବନର ବେଗ ୦୫.୦ ରୁ ୦୭.୦ କିଲୋମିଟର ପ୍ରତି ଘଣ୍ଟା ମଧ୍ୟରେ ରହିବାର ସମ୍ଭାବନା ରହିଛି । ଦୈନିକ ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୨୯.୦° ସେଲସିୟସ ରୁ ୩୪.୦° ସେଲସିୟସ ଏବଂ ୧୮.୦° ସେଲସିୟସ ରୁ ୨୦.୦° ସେଲସିୟସ ମଧ୍ୟରେ ରହିବାର ସମ୍ଭାବନା ରହିଛି । ସକାଳେ ଏବଂ ଅପରାହ୍ନରେ ଆପେକ୍ଷିକ ଆର୍ଦ୍ରତା ଯଥାକ୍ରମେ ୪୮ ରୁ ୬୬ ଶତକଡା ଏବଂ ୧୫ ରୁ ୨୨ ଶତକଡା ମଧ୍ୟରେ ରହିପାରେ ।

## ସାଧାରଣ ଉପଦେଶ:

ଗଜପତି ଜିଲ୍ଲାରେ ଗତ ସପ୍ତାହରେ ହାରାହାରି ସର୍ବାଧିକ ଦୈନିକ ତାପମାତ୍ରା ୩୪.୫° ସେଲସିୟସ ଏବଂ ହାରାହାରି ସର୍ବନିମ୍ନ ଦୈନିକ ତାପମାତ୍ରା ୧୭.୬° ସେଲସିୟସ ଥିଲା । ଗତ ସପ୍ତାହରେ ଜିଲ୍ଲାରେ ୦.୬ ମିଲିମିଟର ବର୍ଷା ହୋଇଅଛି । ରବି ମୁଗ, ବିରି, ସୋରିଷ, ଚଣା, ସୂର୍ଯ୍ୟମୁଖୀ ଆଦି ଫସଲ ପରିପକ୍ୱ ଅବସ୍ଥାରେ ଥିଲେ ଯଥାଶୀଘ୍ର ତୋଳି ସୁରକ୍ଷିତ ସ୍ଥାନକୁ ନିଅନ୍ତୁ । ଡାଲୁଅ ଧାନ ଓ ପନିପରିବା ରେ ଜଳସେଚନ ମାଟିର ବତର କୁ ଅନୁଧ୍ୟାନ କରି ଯୋଜନା କରନ୍ତୁ । ଫସଲରେ ଅନ୍ତଃଚାଷ, ସାର ପ୍ରୟୋଗ, ଔଷଧ ସିଞ୍ଚନ ଆବଶ୍ୟକତା ଅନୁଯାୟୀ କରନ୍ତୁ । ପାକଳ ଟମାଟୋ, ବନ୍ଧାକୋବି, ଫୁଲକୋବି ଆଦି ଫସଲଗୁଡ଼ିକୁ ଅମଳ କରନ୍ତୁ ଓ ଅମଳ ହୋଇଥିବା ଫସଲକୁ ସୁରକ୍ଷିତ ସ୍ଥାନରେ ରଖନ୍ତୁ । ଆବଶ୍ୟକତା ଅନୁଯାୟୀ ଫସଲରେ କୀଟନାଶକ ସିଞ୍ଚନ କରନ୍ତୁ ।

## ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

| |
|---|
| ଜମିର ଆର୍ଦ୍ରତା ଉପଯୁକ୍ତ ହୋଇଗଲେ ଖରାଟିଆ ମୁଗ, ବିରି ଏବଂ ଝୁଡଙ୍ଗ ଆଦି ଫସଲର ବୁଣାବୁଣି କାମ ଆରମ୍ଭ କରି ଦିଅନ୍ତୁ । |

**ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:**

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ | ଯେଉଁ ଚାଷୀ ଭାଇ ଓ ଭଉଣୀ ମାନେ ଧାନ ରୋଇସାରିଛନ୍ତି ତେବେ ଅଧିକ ଅମଳକ୍ଷମ ଧାନ କିସମ ପାଇଁ ପିଲସାର ହିସାବରେ ଧାନ ରୋଇବାର ୩ ସପ୍ତାହ ବେଳକୁ ଏକର ପ୍ରତି ୩୫- କିଲୋଗ୍ରାମ ୟୁରିଆ ସାର ପ୍ରୟୋଗ କରନ୍ତୁ । ଯେଉଁ ଚାଷୀ ଭାଇ ଓ ଭଉଣୀ ମାନେ ରୁଆ କିମ୍ବା କାଦୁଅ ବୁଣା ଧାନରେ ପ୍ରାକ ତୃଣକମାରି ପ୍ରୟୋଗ କରି ନାହାନ୍ତି ତେବେ ମିଶ୍ରିତ ଘାସ ନିୟନ୍ତ୍ରଣ ପାଇଁ ଏକର ପ୍ରତି ୮୦ ମିଲି Bispyribac Sodium ନାମକ ଘାସମରା ଔଷଧ କିମ୍ବା Ethoxysulfuron ନାମକ ଘାସମରା ଔଷଧ କୁ ୨୦୦ ଲିଟର ପାଣିରେ ମିଶାଇ ଘାସ ୩ ରୁ ୪ ପତ୍ର ଥିବା ଅବସ୍ଥାରେ ସିଂଚନ କରନ୍ତୁ । କେବଳ ଚଉଡାପତ୍ରିଆ ଘାସ ଦମନ ପାଇଁ ଏକର ପ୍ରତି ୮-ଗ୍ରାମ Metsulfuron methyl ଏବଂ Chlorimuronethyl ର ମିଳିତ ଘାସମରା ଔଷଧ କୁ ୨୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ । ସର୍ବଦା ଘାସମରା ଔଷଧ କୁ ସଫା ପାଣିର ମିଶାଇ ଫ୍ଲାଟ ଫ୍ୟାନ କିମ୍ବା ଫ୍ଲଡ ଜେଟ ନୋଜଲ ଥିବା ସ୍ପ୍ରେୟରରେ ସିଞ୍ଚନ କରନ୍ତୁ । ଘାସମରା ଔଷଧ ପ୍ରୟୋଗ କରିବା ପୂର୍ବରୁ ଧାନ ଜମିରୁ ପାଣି କାଟି ଦିଅନ୍ତୁ ଏବଂ ଔଷଧ ପ୍ରୟୋଗ କରିବାର ୨ ଦିନ ପରେ ଜଳସେଚନ କରନ୍ତୁ । |
| ବାଦାମ | ଚିନାବାଦାମ ଫସଲରେ ପ୍ରାଥମିକ ଅବସ୍ଥାରେ ଜଉ ପୋକ ଓ ପତ୍ର ଉକୁଣି ପୋକ ର ଆକ୍ରମଣ କମ ଦେଖାଦେଉଥିଲେ ଏକର ପ୍ରତି ୧-ଲିଟର ନିମ୍ବ ଆଧାରିତ କୀଟନାଶକ ୩୦୦ PPM କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ପୋକ ଆକ୍ରମଣ ଅଧିକ ଦେଖାଦେଲେ ରାସାୟନିକ ଉପାୟରେ ଜଉ ଓ ପତ୍ର ଉକୁଣି ପୋକ ର ପରଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୫୦-ମିଲି Imidacloprid ନାମକ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ପ୍ରାଥମିକ ଅବସ୍ଥାରେ ଚିନାବାଦାମ ଫସଲରେ ପତ୍ର ସୁଡଙ୍ଗୀ ପୋକ ର ପରିଚାଳନା ପାଇଁ ଏକର ପ୍ରତି ୧-ଲିଟର ନିମ୍ବ ଆଧାରିତ କୀଟନାଶକ ୩୦୦ PPM କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ପୋକ ଆକ୍ରମଣ ଅଧିକ ଦେଖାଦେଲେ ରାସାୟନିକ ଉପାୟରେ ଏହି ପୋକ ର ପରିଚାଳନା ପାଇଁ ଏକର ପ୍ରତି ୪୦୦ ମିଲି- Profenophos ନାମକ କୀଟନାଶକ କିମ୍ବା ୪୦୦ ମିଲି- Chlorpyriphos ଏବଂ Cypermethrin ର ମିଳିତ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ବର୍ତ୍ତମାନ ସମୟରେ ଚିନାବାଦାମ ଫସଲରେ ଟୀକା ରୋଗ ଲାଗିବାର ଅଛି । ଏହି ରୋଗ ଦ୍ୱାରା ଆକ୍ରାନ୍ତ ଗଛର ପତ୍ରର ତଳ ପଟେ ଗାଢ କଳା ଦାଗ ଦେଖାଯାଏ । ପରେ ଦାଗ ଗୁଡିକ ମିଶିଯାଇ ସମ୍ପୂର୍ଣ୍ଣ ପତ୍ରକୁ ମାଡିଯାଏ । ଅଧିକ ଆକ୍ରାନ୍ତ ହେଲେ ପତ୍ର, ଡେମ୍ଫ ଓ କାଣ୍ଡ କୁ ମଧ୍ୟ ବ୍ୟାପିଥାଏ ଓ ପରେ ପତ୍ରଗୁଡିକ ଝଡିପଡେ । ଏହି ରୋଗର ପରିଚାଳନା ପାଇଁ ଏକର ପ୍ରତି ୪୦୦-ଗ୍ରାମ Chlorothalonil କିମ୍ବା ୬୦୦-ଗ୍ରାମ Mancozeb କିମ୍ବା ୩୦୦-ମି.ଲି Hexaconazole କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |

**ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:**

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଟମାଟର | ମୁଖ୍ୟ ଜମିରେ ରୁଆ ଯାଇଥିବା ବିଲାତି ବାଇଗଣ ଫଳ ହେବା ରୁ ପାକଳ ହେବା (୯ – ୧୨ ସପ୍ତାହ) ଅବସ୍ଥାରେ ଅଛି । ବିଲାତି ବାଇଗଣ ବଜାର ରେ ବିକ୍ରୟ ପାଇଁ ଅଧା ଲାଲ ପଡି ଥିବା ଅବସ୍ଥାରେ ଅମଳ କରନ୍ତୁ। ବର୍ତ୍ତମାନ ସମୟରେ ବିଲାତି ବାଇଗଣ ଫସଲରେ ଧଳାମାଛି ଲାଗିବାର ସମ୍ଭାବନା ରହଛି । ଉଭୟ ଅର୍ଭକ ଓ ପୂର୍ଣାଙ୍ଗ ଅବସ୍ଥାରେ ଧଳା ମାଛି ମାନେ ପତ୍ର ରୁ ରସ ଶୋଷି ଖାଇବା ହେତୁ ଆକ୍ରାନ୍ତ ପତ୍ର ଗୁଡିକ ଉପର ଆଡକୁ ମୋଡି ହୋଇଯାଏ ଏବଂ ବିବର୍ଣ୍ଣ ପଡି ଏହାର ସଜୀବତା ହ୍ରାସ ପାଏ । ଧଳା ମାଛି ଭୂତାଣୁ ଜନତି ପତ୍ରମୋଡା ରୋଗର ବାହକ ଅଟେ । ବିଲାତି ବାଇଗଣ ଫସଲରେ ଧଳାମାଛି ର ପରିଚାଳନା ପାଇଁ ଏକର ପ୍ରତି ୮-୧୦ ଟି ହଳଦିଆ ଅଠା ଯୁକ୍ତ ଜନ୍ତା ଲଗାନ୍ତୁ । ପ୍ରାଥମିକ ଅବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦-ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ PPM କୁ ୨୦୦-ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ରାସାୟନିକ ଉପାୟରେ ଟମଟୋ ଫସଲରେ ଧଳାମାଛି ର ପରିଚାଳନା ପାଇଁ ଏକର ପ୍ରତି ୪୦-ଗ୍ରାମ Thiamethoxam କିମ୍ବା ୨୦୦-ମିଲି Pyriproxifen ନାମକ କୀଟନାଶକ କିମ୍ବା ୨୫୦-ମିଲି Spiromesifen ନାମକ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ଟମାଟୋ ଫସଲରେ ଫଳ ବିନ୍ଧା ପୋକର ଆକ୍ରମଣ ଦେଖାଦେଲେ ଏହାର ପରିଚାଳନା ପାଇଁ ପ୍ରଥମେ ଜମିରୁ ଆକ୍ରାନ୍ତ ଫଳଗୁଡିକୁ ସଂଗ୍ରହ କରି ଦୂରରେ ନଷ୍ଟ କରିଦିଅନ୍ତୁ । ଏହି କୀଟର ପରିଚାଳନା ପାଇଁ ଏକର ପ୍ରତି, Helilure ଥିବା ସଙ୍ଗ ଆକର୍ଷକ ଯନ୍ତାରୁ ୨୦ ଟି ରଖନ୍ତୁ । ପ୍ରାଥମିକ ଅବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦-ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ PPM କୁ ୨୦୦- ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । ଟମାଟୋ ଫସଲରେ ଯଦି, ଶତକଡା ୧୦-ଭାଗ ପୋକଡା ଫଳ ଦେଖୁଛନ୍ତି ତାହେଲେ ରାସାୟନିକ ଉପାୟ ରେ ପରିଚାଳନା ପାଇଁ ଏକର ପ୍ରତି ୮୦- ମି. ଲି Chlorantraniliprole ନାମକ କୀଟନାଶକ କିମ୍ବା ୪୦-ମିଲି Flubendiamide ନାମକ |

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| | କୀଟନାଶକ କିମ୍ବା ୧୦୦- ମି. ଲି Indoxacarb ନାମକ କୀଟନାଶକ କୁ ୨୦୦-ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଏହିକୀଟନାଶକ ଗୁଡିକ ମଧ୍ଯରୁ ଯେକୌଣସି ଗୋଟିଏକୁ ବାରମ୍ବାର ପ୍ରୟୋଗ ନକରି ଅଦଳ ବଦଳ କରି ପ୍ରତି ୧୫-ଦିନ ଅନ୍ତରରେ ସିଞ୍ଚନ କରନ୍ତୁ । |
| ପିଆଜ | ପିଆଜ ତଳି ଗୁଡିକ ୧୨ ରୁ ୧୫ ସେ.ମି. ଉଚ୍ଚା କିମ୍ବା ୮- ସପ୍ତାହର ହୋଇଗଲେ ମୁଖ୍ୟ ଜମିରେ ଲଗାନ୍ତୁ । ପିଆଜ ତଳି ରୋଇବା ପୂର୍ବରୁ ଏକର ପ୍ରତି ୧୦ ଟନ ଶଢା ଗୋବର ଖତ ବା କମ୍ପୋଷ୍ଟ, ୫୨ କିଲୋଗ୍ରାମ ଡ଼ିଏପି, ୨୦ କିଲୋଗ୍ରାମ ୟୁରିଆ, କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସାର ଏବଂ ୨୦ କିଲୋଗ୍ରାମ Sulphur ପ୍ରୟୋଗ କରି ମାଟିରେ ଭଲ ଭାବରେ ମିଶାଇ ଦିଅନ୍ତୁ । ଧାଡିକୁ ଧାଡି ୧୫ ସେ.ମି. ଏବଂ ଗଛ କୁ ଗଛ ୧୦ ସେ.ମି. ବ୍ୟବଧାନ ରଖି ଉପରବେଳା ତଳି ରୋପଣ କରନ୍ତୁ । ଯେଉଁ ଚାଷୀ ଭାଇ ଓ ଭଉଣୀ ମାନେ ପିଆଜ ତଳି ଲଗେଇ ସାରିଛନ୍ତି, ପିଆଜ ତଳି ରୋଇବାର ୧୫-୨୦ ଦିନ ହୋଇଥିଲେ କୋଡାଖୁସା କରି ଏବଂ ଘାସ ବାଛି ଏକର ପ୍ରତି ୩୦- କିଲୋଗ୍ରାମ ୟୁରିଆ ସାର ଏବଂ ୧୫- କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସାର ପ୍ରୟୋଗ କରନ୍ତୁ । ତଳି ରୋଇବାର ୪୫-୫୦ ଦିନ ବେଳକୁ ଆଉଥରେ କୋଡାଖୁସା କରି ଏବଂ ଘାସ ବାଛି ଏକର ପ୍ରତି ୩୦- କିଲୋଗ୍ରାମ ୟୁରିଆ ସାର ଏବଂ ୧୫- କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସାର ପ୍ରୟୋଗ କରନ୍ତୁ । ପିଆଜ ଗଛ ର ଚେର ମାଟିର ଉପରି ଭାଗରେ ରହୁଥିବାରୁ ମାଟି ସର୍ବଦା ଓଦା ରହିବା ଦରକାର କିନ୍ତୁ ପାଣି ଜମି ରହିବା ଅନୁଚିତ । ରବି ପିଆଜ ଫସଲରେ ୧୦-୧୫ ଟି ଜଳସେଚନ ଦରକାର ପଡିଥାଏ । ମାଟିର ବତର ଦେଖି ୭ ରୁ ୧୦ ଦିନ ଅନ୍ତରରେ ଜଳସେଚନ କରନ୍ତୁ । |

## ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ପଶୁ ପାଳନ | ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଗାଈ | ଆସନ୍ତା ଦିନ ମାନଙ୍କରେ ଶୀତ ଲହରୀ ର ପୂର୍ବାନୁମାନ କରାଯାଇଛି, ଏଥି ପାଇଁ ଗୁହାଳ ରେ ପବନ ଚଳଚଳ ପାଇଁ ଖାଲି ଥିବା ସ୍ଥାନ ମାନଙ୍କୁ ରାତି ରେ ବନ୍ଦ କରି ଦିଅନ୍ତୁ । ପଶୁମାନଙ୍କୁ ପର୍ଯ୍ୟାପ୍ତ ପରିଷ୍କାର ପାନୀୟ ଜଳ ଦିଅନ୍ତୁ । ଗୋରୁମାନଙ୍କୁ ଓଦା କିମ୍ବା ପାଣିରେ ଭିଜିଯାଇଥିବା ନଡ଼ା ଖାଇବାକୁ ଦିଅନ୍ତୁ ନାହିଁ । ଖାଇବାକୁ ଦେବା ପୂର୍ବରୁ ଏହାକୁ ଖରରେ ଶୁଖାନ୍ତୁ । ପଶୁମାନଙ୍କର ଗୁହାଳ ଏବଂ ଏହାର ଚଟାଣ ଅଧିକ ସମୟ ପର୍ଯ୍ୟନ୍ତ ଓଦା ଏବଂ ଥଣ୍ଡା ରହିବା ଉଚିତ୍ ନୁହେଁ । ଏହା ଯୋଗୁଁ ପଶୁମାନେ ବିଶେଷ କରି ସାନ ବାଛୁରୀମାନେ ନିମୋନିଆ, ଜ୍ୱର, କୋକ୍ସିଡିଓସିସ୍, ଡାଇରିଆ ରୋଗରେ ଆକ୍ରାନ୍ତ ହୋଇପାରନ୍ତି ଏବଂ ଏପରିକି ଗୁରୁତର ଅବସ୍ଥାରେ ମୃତ୍ୟୁ ମଧ ହୋଇପାରେ । ଶୀତଦିନେ ଭଲ ବାୟୁ ଚଳପ୍ରଚଳ ନିଶ୍ଚିତ ହେବା ଆବଶ୍ୟକ । ପାଦ ଏବଂ ପାଟି ରୋଗ ବିରୁଦ୍ଧରେ ରକ୍ଷା ପାଇଁ ୩ ମାସରୁ ଅଧିକ ବାଛୁରୀକୁ ଟୀକାକରଣ କରନ୍ତୁ । |
| ଛେଳି | PPR ରୋଗ ଶୀତଦିନେ 'ଛେଳି ମହାମାରୀ' ଭାବରେ ମଧ ଜଣାଶୁଣା \| ଏହି ଭାଇରାଲ୍ ରୋଗ ଯାହା ଛେଳି ଏବଂ ମେଣ୍ଢାକୁ ପ୍ରଭାବିତ କରେ ଯାହା ହଠାତ୍ ଜ୍ୱର, ନିମୋନିଆ ଏବଂ କାଶ ସୃଷ୍ଟି କରେ \| ପ୍ରଭାବିତ ପଶୁମାନେ ଅସ୍ଥିର ଦେଖାଯାନ୍ତି, ଏକ ଅଳିଆ କୋଟ୍, ଶୁଖିଲା ମୁହଁ ଏବଂ ଭୋକିଲା ଦେଖାଯାନ୍ତି \| ଗର୍ଭବତୀ ପ୍ରାଣୀ ଗର୍ଭପାତ କରିପାରନ୍ତି \| ପଶୁମାନଙ୍କୁ ଟୀକାକରଣ କରନ୍ତୁ \| |

## ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ମତ୍ସ୍ୟ ପାଳନ | ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| କମନ କାର୍ପ | ବର୍ତ୍ତମାନ ଅତ୍ୟଧିକ ଶୀତ ଯୋଗୁଁ "EUS" (ଏପିଜୋଟିକ୍ ଭାଇସେଟିଭ୍ ସିଣ୍ଡ୍ରୋମ) ହେବାର ସମ୍ଭାବନା ଅଛି \| ପ୍ରତିଷେଧକ ବ୍ୟବସ୍ଥା ଭାବରେ ଗୋଟିଏ ଏକର ପୋଖରୀ ଅଞ୍ଚଳରେ ୪୦ ଲିଟର ପାଣି ସହିତ "ସିଟାକ୍ସ" ୪୦୦ ମିଲି ମିଶାଇ ପ୍ରୟୋଗ କରିବାକୁ କୃଷକମାନଙ୍କୁ ପରାମର୍ଶ ଦିଆଯାଇଛି \| ଦୈନିକ ମାଛମାନଙ୍କୁ ସେମାନଙ୍କର ଓଜନର ୨-୩% ତେଲ କେକ୍ ବ୍ରାନ୍ ମିଶ୍ରଣ ଖାଇବାକୁ ଦେବା ଉଚିତ୍ \| |

## କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| କୁକୁଡ଼ା ପାଳନ | କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଚିଚକ | କୁକୁଡ଼ାମାନଙ୍କୁ ଶୀତରୁ ରକ୍ଷା କରିବା ପାଇଁ ପଲିଥିନ କିମ୍ବା ଅଖା ବସ୍ତାରେ ଘୋଡେଇ ଦିଅନ୍ତୁ \| କୁକୁଡା ଚିଆଁ ମାନଙ୍କ ପାଇଁ ୨ ୱାଟ ବଲ୍ବ ପ୍ରତି ଚିଆଁ ପିଛା ବନ୍ଦୋବସ୍ତ କରନ୍ତୁ । |